ସମାଜ
The Samaja
ପ୍ରତିଷ୍ଠାତା - ଉତ୍କଳମଣି ଗୋପବନ୍ଧୁ ଦାସ

# ଆଇଆଇଟି ପକ୍ଷରୁ ପ୍ରବାସୀ ଶ୍ରମିକଙ୍କୁ ସହାୟତା

ଜଟଣୀ,୨୪।୫(ନି.ପ୍ର): ଆଇଆଇଟି ପକ୍ଷରୁ ପ୍ରବାସୀ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଲକ୍ ଡ଼ାଉନ ବେଳେ କ୍ୟାମ୍ପସରେ ଫସି ରହିଥିବା ୨୦୨୨ ପ୍ରବାସୀ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ୨୦ ଓ ୨୧ ତାରିଖ ଦିନ ଜଟଣୀ ଗେଟ୍ ଠାରେ ବାତ୍ୟା କ୍ଷତିଗ୍ରସ୍ତ ପରିବାର ଓ ପ୍ରବାସୀ ଶ୍ରମିକଙ୍କୁ ଆଇଆଇଟି ସହାୟତା ପ୍ରଦାନ କରିଥିଲା। ଏଠାରେ ନିୟୋଜିତ ୧୦୧୪ ଶ୍ରମିକ ଓ ୯୨ ଜଣ ପିଲାଙ୍କୁ ଶୁଖିଲା ଖାଦ୍ୟ ଓ ସାବୁନ ଓ ମାସ୍କ ବିତରଣ କରାଯାଇଥିଲା। ପଶ୍ଚିମବଙ୍ଗର ମାଲଦାରେ ବାତ୍ୟା 'ଅମ୍ପନ' ରେ ମୃତ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ୯୨ ଜଣଙ୍କଠାରୁ ସଂଗୃହୀତ ୪୬ ହଜାର ଟଙ୍କା ମୃତକ ପରିବାରର ବ୍ୟାଙ୍କ ଖାତାରେ ଜମା କରାଯାଇଥିଲା। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର, ପ୍ରଫେସର ରବିନ୍ଦ୍ର କୁମାର ପଣ୍ଡା, ଡ଼.ସୀମା ବାହିନୀପତି, ଡ଼.ରାଜକୁମାର ସିଂହ, ଡ଼.ତାରାକାନ୍ତ ନାୟକ, ଡ଼.ଶ୍ରୀକାନ୍ତ ଗୋଲପୁଡ଼ି, ଡ଼.ଏସ.ମଣିକନ୍ଦନ, ଡ଼.ବି.ରାମକୁମାର, ପ୍ରଫେସର ସରୋଜ କୁମାର, ଡ଼.ପାର୍ଥ ପ୍ରତୀମ ଦେ, ଆଇଆଇଟିର ଛାତ୍ରଛାତ୍ରୀ, ଶିକ୍ଷା କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।